# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 5 October - 2023

*************************************

## ହସ୍ପିଟାଲ ପ୍ରତିଷ୍ଠା

ରାଜ୍ୟରେ ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ ଖୁବ୍‌ଶୀଘ୍ର ୫ଟି ମଲ୍‌ଟି ସ୍ପେଶାଲିଟି ଓ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ହେବ । ପିପିପି ମୋଡରେ ଏହି ହସ୍ପିଟାଲଗୁଡ଼ିକୁ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାର କହିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଘରୋଇ ସହଭାଗିତାରେ ଏନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଅନୁଗୁଳ, ବଡବିଲ, ଭଦ୍ରକ ଓ ଝାରସୁଗୁଡାରେ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ ଏବଂ କ୍ୟାନ୍‌ସର କେୟାର ସୁପର ସ୍ପେଶାଲିଟି ହସ୍ପିଟାଲ ନିର୍ମାଣ କରାଯିବ । ଏଥିପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏହାଦ୍ୱାରା ପ୍ରାୟ ୩ହଜାର ୫୦୦ ମେଡ଼ିକାଲ, ପାରା ମେଡ଼ିକାଲ, ନର୍ସିଂ ଏବଂ ପ୍ରଶାସନିକ ବୃତ୍ତିଧାରୀ ନିଯୁକ୍ତି ପାଇବେ ।

## ବୁଝାମଣାପତ୍ର ସ୍ୱାକ୍ଷରିତ

ମହିଳା ଓ ଶିଶୁବିକାଶ ତାଲିମ କେନ୍ଦ୍ରକୁ ଉତ୍କର୍ଷ ତାଲିମ କେନ୍ଦ୍ରରେ ରୂପାନ୍ତରିତ କରାଯିବ। ଏଥିସହ ମହିଳାମାନଙ୍କ ଗୁଣାତ୍ମକ ଶିକ୍ଷା ଓ ତାଲିମ

ବ୍ୟବସ୍ଥାକୁ ସୁଦୃଢ଼ କରାଯିବ । ଏଥିପାଇଁ ମହିଳା ଶିଶୁବିକାଶ ବିଭାଗ ସହ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ ବୈଠକରେ ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଏହି ଅବସରରେ କହିଛନ୍ତି ରାଜ୍ୟ ସରକାର ମହିଳାମାନଙ୍କୁ ସେମାନଙ୍କ ଯୋଗ୍ୟତା ଆଧାରରେ କାର୍ଯ୍ୟ କରିବାର ସୁଯୋଗ ଦେବା ସହ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସାମିଲ କରୁଛନ୍ତି । ମହିଳାମାନଙ୍କ ଅଧିକାରକୁ ସମ୍ମାନ ଜଣାଇ ରାଜ୍ୟର ଗଠନମୂଳକ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଉଛି । ବର୍ତ୍ତମାନର ଯାନ୍ତ୍ରିକ ଓ ବୈଷୟିକ ତାଲିମ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ଆଇଟି କମ୍ପାନୀ-ମୁଖ୍ୟମନ୍ତ୍ରୀ

ଆଇଟି ବହୁରାଷ୍ଟ୍ରୀୟ କମ୍ପାନୀ ଆକ୍ସେଞ୍ଚର ଭୁବନେଶ୍ୱରରେ ବୈଷୟିକ ସେବା ପ୍ରଦାନ କେନ୍ଦ୍ର ପ୍ରତିଷ୍ଠା କରିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହି କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ରାଜ୍ୟରେ ଯୁବପୀଢ଼ି ମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ । ଏହି ନୂତନ କେନ୍ଦ୍ର ସମଗ୍ର ବିଶ୍ୱର ଗ୍ରାହକଙ୍କୁ ବୈଷୟିକ ସେବା ଯୋଗାଇବାରେ ସହାୟକ ହେବ ବୋଲି କମ୍ପାନୀର କର୍ତ୍ତୃପକ୍ଷ କହିଛନ୍ତି । ରାଜ୍ୟରେ କମ୍ପାନୀର ନୂତନ ପ୍ରୟୋଗ କେନ୍ଦ୍ର ପ୍ରତିଷ୍ଠା ତଥା ଏହାର ସମ୍ପ୍ରସାରଣ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ବିଶ୍ୱଭୂଷଣ ହରିଚନ୍ଦନ

ଗଣମାଧ୍ୟମ ନିରପେକ୍ଷ ଓ ସତ୍ୟ ଖବର ପରିବେଷଣ ପାଇଁ ଗୁରୁତ୍ୱ ଦେବାକୁ ଛତିଶଗଡ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମତପୋଷଣ କରିଛନ୍ତି । କଟକର ସାରଳା ଭବନଠାରେ ଅନୁଷ୍ଠିତ ଏକ ଦୈନିକ ସମ୍ବାଦପତ୍ରର ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଯୋଗଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି ଗଣମାଧ୍ୟମ ସବୁବେଳେ ଗଣମାନଙ୍କର ସ୍ୱର ହେବା ଆବଶ୍ୟକ । ମିଥ୍ୟା ଓ କପୋଳକଳ୍ପିତ ଖବର ପରିବେଷଣ କେବଳ ସରକାରଙ୍କୁ ନୁହେଁ ଜନସାଧାରଣଙ୍କୁ ମଧ୍ୟ ଭ୍ରମିତ କରିଥାଏ । ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ବିଭାଗ ପରାମର୍ଶଦାତା ସୁବ୍ରତ ବାଗ୍‌ଚୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ।

## ଶ୍ରମିକଙ୍କ ମଜୁରୀ ବୃଦ୍ଧି

ରାଜ୍ୟରେ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ ଉଚ୍ଚକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ବୃଦ୍ଧି କରାଯାଇଛି । ଏନେଇ ଶ୍ରମ କମିଶନରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନୂଆ ମଜୁରୀ ଗତ ପହିଲାରୁ ଲାଗୁ କରାଯାଇଛି । ଏହି ନୂଆ ମଜୁରୀ ଲାଗୁ ହେବା ପରେ ଅଣକୁଶଳୀ ଶ୍ରମିକଙ୍କ ପ୍ରାପ୍ୟ ୩୪୫ଟଙ୍କାରୁ ବୃଦ୍ଧି ପାଇ ୩୫୨ ଟଙ୍କା ଧାର୍ଯ୍ୟ କରାଯାଇଛି । ସେହିପରି ଅର୍ଦ୍ଧକୁଶଳୀଙ୍କ ପ୍ରାପ୍ୟ ୩୮୫ଟଙ୍କାରୁ ବୃଦ୍ଧିପାଇ ୩୯୨ ଟଙ୍କା, କୁଶଳୀଙ୍କ ପ୍ରାପ୍ୟ ୪୩୫ଟଙ୍କାରୁ ବୃଦ୍ଧି ପାଇ ୪୪୨ଟଙ୍କା

ଏବଂ ଉଚ୍ଚକୁଶଳୀଙ୍କ ପ୍ରାପ୍ୟ ୪୯୫ଟଙ୍କାରୁ ବୃଦ୍ଧି ପାଇ ୫୦୨ଟଙ୍କା ହୋଇଛି ।

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଆଜି ଅନୁଷ୍ଠିତ ହେବ। ଆଶ୍ୱିନ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥିରେ ବନକଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆଜି ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ୱେବ୍‌ସାଇଟ୍ ଲୋକାର୍ପିତ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ ପୋର୍ଟାଲ ଲୋକାର୍ପିତ ହୋଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାଣ୍ଡି ଯୋଗଦେଇ କହିଛନ୍ତି ଏହି ପୋର୍ଟାଲ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ବିଭାଗୀୟ ଅଧିକାରୀମାନେ ଏହି ପୋର୍ଟାଲର କାର୍ଯ୍ୟ ପ୍ରଣାଳୀ ବାବଦରେ ଅଧିକ ଦକ୍ଷ ହେବାପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

# ବିଇଡ୍ ସ୍ପଟ୍ ନାମଲେଖା

ବିଇଡି ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତାକାଲି ୱେଟିଙ୍ଗ ଲିଷ୍ଟ ପ୍ରକାଶ ପାଇବ । ଆଶାୟୀ ଛାତ୍ରଛାତ୍ରୀମାନେ ୭ ତାରିଖରୁ ୯ ତାରିଖ ମଧ୍ୟରେ ରିପୋର୍ଟିଂ କରିବା ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବେ । ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ପାଇଁ ଆସନ୍ତା ୧୨ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ । ଏହାର ନାମଲେଖା ୧୩ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ।

## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଚୀନ୍‌ର ହାଙ୍ଗ୍‌ଝୌଠାରେ ଚାଲିଥିବା ଏସୀୟ କ୍ରୀଡ଼ାର ଜାଭେଲିନ୍ ପ୍ରତିଯୋଗିତାରେ ରୌପ୍ୟପଦକ ହାସଲ କରିଥିବା କିଶୋର କୁମାର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ କିଶୋର ଜେନାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଦେଢ଼କୋଟି ଟଙ୍କାର ଆର୍ଥିକ ପୁରସ୍କାର ରାଶି ଘୋଷଣା କରିଛନ୍ତି । ସୂଚନାଯୋଗ୍ୟ ପୁରୁଷ ଜାଭେଲିନ୍ ଥ୍ରୋରେ କିଶୋର ଜେନା ୮୭ ଦଶମିକ ୫/୪ ମିଟର ଜାଭେଲିନ୍ ଫିଙ୍ଗି ରୌପ୍ୟପଦକ ଜିତିଛନ୍ତି । ଏଥିସହ ସେ ୨୦୨୪ରେ ଅନୁଷ୍ଠିତ ହେବାକୁ ଥିବା ପ୍ୟାରିସ୍ ଅଲମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି ।